**୨ ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ**

କୋଡ଼ପଡ଼ା,(ରଣଜିତ୍ କୁମାର ରଣା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଧୁକେଶରୀ ଅଞ୍ଚିରା ବୈତରଣୀ ନଦୀ ଘାଟରୁ ୨ ବାଲି ବୋଝେଇ ଟ୍ରାକ୍ଟର ରାମଚନ୍ଦ୍ରପୁର ପୋଲିସ ଜବତ କରିଥିଲା। ବୁଧବାର ଘସିପୁରା ତହସିଲ ପକ୍ଷରୁ ୯୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ପରେ ଟ୍ରାକ୍ଟର ମାଲିକଙ୍କୁ ହସ୍ତାନ୍ତର କରାଯାଇଥିବା ରାମଚନ୍ଦ୍ରପୁର ଥାନାର ଆଇଆଇସି ଅବିନାଶ ପରିଡ଼ା ପ୍ରକାଶ କରିଛନ୍ତି।

# ଗୋଟି ପହଣ୍ଡିରେ ଆଡ଼ପମଣ୍ଡପକୁ ଗଲେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି, ୨୨।୬(ପ୍ରଶାନ୍ତ ବିଶ୍ୱାଳ)

ଭାବର ଠାକୁର ଶ୍ରୀଜଗନ୍ନାଥ ଏହି ଘୋଷଯାତ୍ରା ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିର ଅଣସର ସିଂହାସନରୁ ଭାଇ ଓ ଭଉଣୀଙ୍କୁ ଧରି ରଥାରୂଢ଼ ହୋଇଥିଲେ। ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀଙ୍କ ସହିତ ଶ୍ରୀମନ୍ଦିର ନିକଟରୁ ରଥ ସେବାୟତଙ୍କ ଘଣ୍ଟଘଣ୍ଟାରେ ବୁଧବାର ଅଧାରାସ୍ତା ତଥା ପୋଷ୍ଟ ଅଫିସ ସମ୍ମୁଖରେ ଅଟକିଥିଲେ। ଗୁରୁବାର ଅପରାହ୍ନରେ ପୁଣି ଥରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ଦିବସର ଘୋଷଯାତ୍ରା। ସେବାୟତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ଭକ୍ତ ଭଗବାନଙ୍କ ଅପୂର୍ବ ମିଳନ ଭିତରେ ରଥକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ଚତୁର୍ଦ୍ଧାମୂର୍ତ୍ତି ବାହୁଡ଼ା ପର୍ଯ୍ୟନ୍ତ ରହି ଲୀଳାଖେଳା କରିବେ। ରଥ ନିକଟରେ ଯଥା ରୀତିନୀତିରେ ରାଜଗୁରୁ ରବୀନ୍ଦ୍ର ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ଆଡ଼ପମଣ୍ଡପ ବା ଜନ୍ମବେଦୀକୁ ବିଜେ କରାଇଥିଲେ। ଘୋଷଯାତ୍ରାକୁ ନୀଳଗିରି ବିଡିଓ ରାହୁଲ ମଣ୍ଡଳ ପରିଚାଳନା କରିଥିବା ବେଳେ ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଘୋଷଯାତ୍ରାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ଦତ୍ତାତ୍ରେୟ



ନୀଳଗିରି ରଥଯାତ୍ରା।

### ଘୋଷଯାତ୍ରାରେ ସାମିଲ ହେଲେ ୫-ଟି ସଚିବ

ଭାଉସାହେବ ଶିନ୍ଦେ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ୍, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ ମନ୍ଦରଧର ମହାଳିକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଏନଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ନୀଳଗିରି ଏସ୍‌ଡିପିଓ ରିତେଶ ମହାପାତ୍ର, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ନିୟୋଜନ କରାଯାଇଥିଲା। ପାଗ ଠିକ୍ ଠାକ୍ ଥିବାରୁ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିରହିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ ଗୁଡ୍ଡୀ



@ ରାଜଶ୍ରୀ



@ ପ୍ରତ୍ୟୁଷ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ମାଉସୀ ମା' ମନ୍ଦିରରେ ୩ ଠାକୁର



ବାରିପଦା ରଥ ଦାଣ୍ଡରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ବାରିପଦା,୨୨।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ବାରିପଦାରେ ସରିଲା ରଥଟଣା

ମୟୂରଭଞ୍ଜ ଜିଲା ବାରିପଦାଠାରେ ଶ୍ରୀଜୀଉଙ୍କ ରଥଟଣା ଶେଷ ହୋଇଛି। ଅଧାବାଟରେ ଅଟକି ଥିବା ଦେବୀ ସୁଭଦ୍ରା ଓ କାଳିଆ ଠାକୁରଙ୍କ ନନ୍ଦିଘୋଷ ରଥ ଗୁରୁବାର ମାଉସୀ ମା' ମନ୍ଦିରରେ ପହଞ୍ଚିଛି। ଏନେଇ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ବର୍ଷା ଘଡ଼ଘଡ଼ିକୁ ଖାତିର ନ କରି ରଥ ଦଉଡ଼ ଧରି ଟାଣିବା ପାଇଁ ଭକ୍ତମାନେ ବ୍ୟାକୁଳ ହୋଇ ପଡ଼ିଥିଲେ।

ଅପରାହ୍ନ ୨ଟା୩୦ରେ ଟାଉନ ଥାନା ସମ୍ମୁଖରେ ଅଟକି ଥିବା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଭକ୍ତମାନେ ଟାଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। ହରିବୋଲ, ଜୟ ଜଗନ୍ନାଥ, ହୁଳହୁଳି, ଘଣ୍ଟନାଦ ଏବଂ ହରିନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠିଥିଲା ବଡ଼ଦାଣ୍ଡ। ଅପରାହ୍ନ ୪ଟା ୩୦ରେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଠାକୁର ଜଗତର ନାଥ ଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିଲେ । କାଳିଆ ଠାକୁରଙ୍କ ରଥ ୫ଟା ୩୦ରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ରଥ ପହଞ୍ଚିବା ପରେ ଉପସ୍ଥିତି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଶ୍ରଦ୍ଧା ଲଡୁ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲାପାଳ ବିନୀତ ଭରଦ୍ୱାଜ, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଦେବୋତ୍ତର ଅଧିକାରୀ ତଥା ବାରିପଦା ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ରଥ ଟଣାରେ ସାମିଲ ହୋଇଥିଲେ। ରଥାରୂଢ଼ ଦିଅଁମାନେ ମାଉସୀମା' ମନ୍ଦିରର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରି ଯିବାର କାର୍ଯ୍ୟକ୍ରମ ରହିଛି। ୨୩ତାରିଖ ଶୁକ୍ରବାର ଠାରୁ ୨୮ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ଟାରୁ ରାତ୍ର ୧୦ଟା ୩୦ମଧ୍ୟରେ ମହାପ୍ରଭୁମାନଙ୍କର ବେଶ ଦର୍ଶନ କାର୍ଯ୍ୟକ୍ରମ ରହିଛି। ସେହିପରି ଲାଲବଜାରସ୍ଥିତ ବାଣିଆ ଜଗନ୍ନାଥ ମନ୍ଦିରରେ ରଥଟଣା ହୋଇଛି । ପରମ୍ପରା ଅନୁଯାୟୀ ବାରିପଦା ବଡ଼ଜଗନ୍ନାଥ ମନ୍ଦିର ରଥ ଟଣାଯିବାର ଗୋଟିଏ ଦିନ ପରେ ବାଣିଆ ଜଗନ୍ନାଥ ମନ୍ଦିରର ରଥଟଣା ହୋଇଥାଏ । ଏହି ରଥକୁ ଛୋଟ ଛୋଟ ପିଲାମାନେ ଟାଣିବାର ପରମ୍ପରା ରହିଛି।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଚିତ୍ରଡ଼ା



ଚିତ୍ରଡ଼ା ରଥଦାଣ୍ଡରେ ସମବେତ ଶ୍ରଦ୍ଧାଳୁ।

ମୋରଡା,୨୨।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ରଠାରେ ଅଧାବାଟରେ ଅଟକିଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ବୁଧବାର ମାଉସୀ ମା' ମନ୍ଦିରରେ ପହଞ୍ଚିଛି। ଏନେଇ ଚିତ୍ରଡ଼ା ରଥଦାଣ୍ଡରେ ଏକାଠି ହୋଇଥିଲେ ହଜାର ହଜାର ଭକ୍ତ। ଅପରାହ୍ନରେ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ମାଉସୀ ମା' ମନ୍ଦିରକୁ ରଥ ଟାଣି ନେଇଥିଲେ। ପ୍ରବଳ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ମୋରଡ଼ା ଥାନା, ଚିତ୍ରଡ଼ା ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡ୍ରାଇଭର ସଂଘର ସଦସ୍ୟମାନେ ମଧ୍ୟ ସହଯୋଗ କରିଥିଲେ।



କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଗୁଣ୍ଡିଚା ମନ୍ଦିରରେ କୃଷ୍ଣ ବଳରାମ ବେଶ (ଫଟୋ-ନରେଶ)

# ଦିବ୍ୟାଙ୍ଗ ରମେଶଙ୍କୁ ମିଳିଲା ଟ୍ରାଇସାଇକେଲ



ଦିବ୍ୟାଙ୍ଗ ରମେଶ ଚନ୍ଦ୍ର ସୁତାରଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

ଧାମନଗର, ୨୨।୬ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ୫ ନମ୍ବର ୱାର୍ଡର ଦିବ୍ୟାଙ୍ଗ ରମେଶ ଚନ୍ଦ୍ର ସୁତାରଙ୍କୁ ଗୁରୁବାର ଧାମନଗର ପଞ୍ଚାୟତ ସମିତି ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ରମେଶ ଧାମନଗର ବଜାରରେ ଚା' ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଏକ ସଡ଼କ ଦୁର୍ଘଟଣାରେ ରମେଶ ଦିବ୍ୟାଙ୍ଗ ହୋଇ ଦୀର୍ଘଦିନ ହେଲା ଚଲାବୁଲା କରିପାରୁ ନ ଥିଲେ। ଗୁରୁବାର ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତାଙ୍କୁ ଏକ ଟ୍ରାଇସାଇକେଲେ ଯୋଗାଇ ଦିଆଯାଇଛି। ବିଡିଓ ବନବିହାରୀ ଦିଣ୍ଡା, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ବସନ୍ତିଆ, ଏନ୍‌ଏସି ନଗର ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘଦିନ ଘରେ ବସି ରହିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇ ଥିବାରୁ ରମେଶ ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପ୍ରେସ୍ କ୍ଲବ୍‌ର ଗୃହ ପ୍ରବେଶ ଉତ୍ସବ

ଆନନ୍ଦପୁର,୨୨।୬(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବ୍‌ର ଗୃହ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ଉପସଭାପତି କିଶୋର ଆଚାର୍ଯ୍ୟ, ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଘସିପୁରା ବିଡିଓ ଅସୀତ କୁମାର ମହାନ୍ତି, ତହସିଲଦାର ପତିତ ପାବନ ଦେବତା, ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ, ରାମଚନ୍ଦ୍ରପୁର ଥାନା ଅଧିକାରୀ ଅଭିନାଶ ପରିଡ଼ା, ସୋସୋ ଥାନା ଅଧିକାରୀ ଅନୀଲ କୁମାର ସାମଲ, ଓକିଲ ସଂଘର ସଭାପତି ଦୟାନିଧି ଦାଶ, ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ଆନନ୍ଦପୁର ଥାନା ପୁଲିସ ଓ ପୌରାଞ୍ଚଳର କାଉନ୍‌ସିଲର ଉପସ୍ଥିତ ଥିଲେ। ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ ରାଉତଙ୍କ ସଂଯୋଜନାରେ କୁଞ୍ଜବନ ମହାପାତ୍ର, ନାରାୟଣ ପଣ୍ଡା, ସୁବାଷ ମହାପାତ୍ର, ଦିଲୀପ ମିଶ୍ର, ଗୋପାଳକୃଷ୍ଣ ରାଉତ, ଶତ୍ରୁଘ୍ନ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ୍ ସାହୁ, ରାଜୀବ ଲୋଚନ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ତାରିଣୀ ମନ୍ଦିର ପରିସରରୁ ବାଇକ ଚୋରି, ୨ ଗିରଫ

ଘଟଗାଁ,୨୨।୬(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ପୋଲିସ ମା' ତାରିଣୀଙ୍କ ପରିସରରୁ ବାଇକ ଚୋରି ଅଭିଯୋଗରେ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ନନ୍ଦିପଦା ଥାନା ଅନ୍ତର୍ଗତ ଅରବିନ୍ଦ ଓଝା ଓ ସହଯୋଗୀ ପଣ୍ଡପଡ଼ା ଥାନା ଅନ୍ତର୍ଗତ ପୁରୁମୁଣ୍ଡା ଗ୍ରାମର ପିଣ୍ଟୁ କବାଟ। ସୂଚନା ଅନୁଯାୟୀ, ବୁଧବାର ମା' ତାରିଣୀ ମନ୍ଦିର ପରିସରରୁ ଚକ୍ରଧର ନାଏକଙ୍କ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା ଛାନ୍‌ଭିନ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଚୋରି ବାଇକ ଜବତ ହୋଇଛି। ଅରବିନ୍ଦଙ୍କ ନାମରେ ଏକାଧିକ ଚୋରି ମାମଲା ରହିଛି। ଅଭିଯୁକ୍ତ ଦ୍ୱୟ କେନ୍ଦୁଝର ଜେଲରେ ଆଗରୁ ଥିବାବେଳେ ବନ୍ଧୁତା ହୋଇଥିଲା।

# ସମାଲୋଚନା ପଛରେ ବିରୋଧୀଙ୍କ ଭୟ ବାରି ହେଉଛି

ଖଇରା, ୨୨।୬(ଉତ୍କଳବନ୍ଧୁ ପଣ୍ଡା)

୫-ଟି ସଚିବଙ୍କ ଗସ୍ତକୁ ନେଇ ବିରୋଧୀ କ୍ରମାଗତ କିଛିଦିନ ହେଲା ସମାଲୋଚନା କରୁଥିବା ବେଳେ ସେମାନଙ୍କୁ ସେମାନଙ୍କ ଭାଷାରେ ଜବାବ ଦେଇଛନ୍ତି ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ଗୁରୁବାର ଅପରାହ୍ନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ଜରିଆରେ ବିଭିନ୍ନ ସ୍ତରରେ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ସଚିବ ଲୋକଙ୍କ ନିକଟକୁ ଆସି ଅଭିଯୋଗ ଶୁଣି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ଅସୁବିଧା କେଉଁଠି । କେବଳ ବିରୋଧୀ ଏତେ ସଂଖ୍ୟାର ଜନସମାଗମ ଦେଖି ଭୟଭୀତ ହୋଇ ଏଭଳି ଆକ୍ଷେପ କରୁଥିବା ବାରି ହୋଇପଡୁଥିବା କହିଛନ୍ତି ।

# '୭ ଦିନ ମଧ୍ୟରେ ଅଭିଯୋଗର ହେବ ସମାଧାନ'

ବାଲେଶ୍ୱର(ମାନସ ବିଶ୍ୱାଳ)/ ଖଇରା (ଉତ୍କଳବନ୍ଧୁ ପଣ୍ଡା)/ ସିମୁଳିଆ (ସନ୍ତୋଷ ନାୟକ)/ ସୋର(ଜନ୍ମେଜୟ ମିଶ୍ର)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ରେମୁଣା (ରବୀନ୍ଦ୍ର ମହକୁଡ଼)/ ୨୨।୬

■ ବାଲେଶ୍ୱର ଜିଲା ଗସ୍ତ ବେଳେ ପ୍ରତିଶ୍ରୁତି ଦେଲେ ୫-ଟି ସଚିବ

■ ମିଶନ୍‌ଶକ୍ତି ମହିଳା, କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା

୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ବାଲେଶ୍ୱର ଜିଲା ଗସ୍ତରେ ଆସିଛନ୍ତି। ଜିଲାର ୧୨ଟି ବ୍ଲକ ଓ ପୌରାଞ୍ଚଳ, ଏନ୍‌ଏସି ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନ ପରିଦର୍ଶନ କରି ମିଶନଶକ୍ତି ମହିଳା, କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ଧର୍ମାନୁଷ୍ଠାନ ଉନ୍ନତିକରଣ ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଆସିଛନ୍ତି, ୭ଦିନ ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ କରିବାକୁ ସବୁଠି ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ସକାଳ ପ୍ରାୟ ୮ଟା ୩୦ରେ ୫-ଟି ସଚିବ ପାଣ୍ଡିଆନ ଖଇରା ବ୍ଲକ କୁପାରୀ ହେଲିପ୍ୟାଡ୍‌ରେ ଓହ୍ଲାଇ ଖଇରା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ଯାଇ 'ଆମ ହସ୍‌ପିଟାଲ' ପ୍ରକଳ୍ପ ଉପରେ ତଦାରଖ କରିଥିଲେ। କୁପାରୀ ହାଇସ୍କୁଲ ପଡ଼ିଆରେ ପାଣ୍ଡିଆନ ପହଞ୍ଚି ସାଧାରଣ ଲୋକଙ୍କ ସହ ହାତମିଳାଇ ସମସ୍ତ ଅଭିଯୋଗ ଗ୍ରହଣ କରିଥିଲେ। ଉତ୍କୃଷ୍ଟ ରୋଗୀ ସେବା ପାଇଁ ଖଇରା ସିଏଚସିକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିବା ଘୋଷଣା କରିଥିଲେ। ଏଥିସହ ମିଶନ ଶକ୍ତି ମହିଳାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସରକାରୀ ସ୍କୁଲଗୁଡିକର ରୂପାନ୍ତରୀକରଣ ପରେ ଅଭାବୀ ପିଲାମାନେ ଘରୋଇ ସ୍କୁଲ ଭଳି ଶିକ୍ଷାପାଇ ପାରୁଛନ୍ତି । ଏଣୁ ମହିଳା ସ୍ୱାବଲମ୍ବୀ ହେଲେ ଓ ୨ଟଙ୍କା ରୋଜଗାର କଲେ ପରିବାର ସ୍ୱଚ୍ଛଳ ହେବା ସହ ରାଜ୍ୟର ଦ୍ରୁତ ପ୍ରଗତି ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ କଇଥଗଡ଼ିଆ, ବର୍ତ୍ତନା, ନୟାଖଣ୍ଡି, ଅଚ୍ୟୁତପୁର, ଗଡ଼ପୋଖରୀ, କୁପାରୀ ସମେତ ଅନ୍ୟାନ୍ୟ ପଞ୍ଚାୟତର ଲୋକ ପ୍ରତିନିଧି ମାନେ କୁପାରୀ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ, କୁପାରୀ ପିଏଚସିକୁ ସିଏଚସିର ମାନ୍ୟତା, କୁପାରୀରେ ନୂତନ ଥାନା ପ୍ରତିଷ୍ଠା, କୁପାରୀ ପଥୁରିଆ ଅଞ୍ଚଳରେ ଜଳସେଚନ ଓ କୃଷିର ପୁନରୁଦ୍ଧାର ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ସେହିଭଳି ବରିଷ୍ଠ ନାଗରିକ ମଞ୍ଚ ଓ ଖଇରା ସାମ୍ବାଦିକ ସଂଘ ତରଫରୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇ ଏହା ଉପରେ ପୃଥକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏହାପରେ ପାଣ୍ଡିଆନ ସିମୁଳିଆର ଜାମୁଝାଡ଼ିରେ ସ୍ଥାପିତ ସୃଷ୍ଟି ବେତ ଓ ବାଉଁଶ ଉତ୍ପାଦନ କେନ୍ଦ୍ରକୁ ଯାଇ ଏସ୍‌ଏଚଜିର ମହିଳାମାନଙ୍କୁ ଭେଟିଥିଲେ। ଏହି ଗ୍ରୁପର ମୁଖ୍ୟ ସରୋଜିନୀ ଦାସ ସଚିବଙ୍କୁ ସ୍ୱାଗତ ଜଣାଇବା ସହିତ ବାଉଁଶ ଓ ବେତରେ ତିଆରି ଗହଣା ସଚିବଙ୍କ ସ୍ତ୍ରୀ ସୁଜାତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ପରେ ସଚିବ ଭିଡିଓ କଲ ମାଧ୍ୟମରେ ସୁଜାତାଙ୍କ ସହିତ କଥାବାର୍ତ୍ତା କରାଇଥିଲେ। ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ସାମଗ୍ରୀକୁ ସଚିବ ଦେଖିବା ସହିତ ଆହୁରି ଆଗକୁ ଗଲେ ମୁଖ୍ୟମନ୍ତ୍ରୀ ଖୁସି ହେବେ ବୋଲି କହିଥିଲେ। ବାଉଁଶରେ ତିଆରି ଜଗନ୍ନାଥଙ୍କ ଫଟୋଚିତ୍ର ସଚିବଙ୍କୁ ଉପହାର ଦିଆଯାଇଥିଲା।

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ବିଶାଳ ଜନସମାବେଶରେ ପାଣ୍ଡିଆନ ବିଭିନ୍ନ ବର୍ଗର ପ୍ରତିନିଧିଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଦାବିପତ୍ର ଗ୍ରହଣ କରିଥିଲେ। ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାବିଦ୍ୟାଳୟକୁ ୫-ଟି ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଥିବା ସୂଚନା ଦେଇଥିଲେ। ସୋରରେ ସାଳନ୍ଦୀ କେନାଲ ଯୋଜନା କାର୍ଯ୍ୟକ୍ରମ, କାଂଶବାଂଶ ନଦୀ ବନ୍ଧ ଯୋଜନା, ମୁକ୍ତା ଯୋଜନା ଓ ସହର ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକାରେ ଥିବା ବଡ଼ପୋଖରୀ ଓ ବସ୍‌ଷ୍ଟାଣ୍ଡ ଯୋଜନାରେ ଅନୁଦାନ ମିଳିବାକୁ ଥିବା ନେଇ କହିଥିଲେ। ଏହା ପରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସହ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିପାଇଁ ସମୀକ୍ଷା କରିଥିଲେ।

ନୀଳଗିରି ଉପଖଣ୍ଡର ସନ୍ତରାଗଡ଼ିଆଠାରେ ନିର୍ମାଣ ହେଉଥିବା ସାଳନ୍ଦୀ କେନାଲ ପ୍ରକଳ୍ପ ପରିଦର୍ଶନ କରି ପାଣ୍ଡିଆନ ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିବା ପରେ ବଉଳଗଡ଼ିଆଠାରେ ଥିବା ରଘୁନାଥଜୀଉ ପଥର ଖୋଦେଇ କାର୍ଯ୍ୟ କରୁଥିବା କାରିଗରଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ପରେ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ପରେ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଯାଇ କିଛି ସମୟ ପାଇଁ ଭାବବିହ୍ୱଳ ହୋଇଥିଲେ। ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ ଶୈବପୀଠ ଓ ନିକଟବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରି ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଞ୍ଚଲିଙ୍ଗେଶ୍ୱର ବସ୍‌ଷ୍ଟାଣ୍ଡ ପଡ଼ିଆରେ ନିର୍ମିତ ମଞ୍ଚ ନିକଟରେ ସାଧାରଣ ଲୋକଙ୍କ ସହ ହାତ ମିଳାଇ ସମସ୍ତ ଅଭିଯୋଗ ଗ୍ରହଣ କରିଥିଲେ। ପରେ ନୀଳଗିରି ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ରେମୁଣା ଅଭିମୁଖେ ଯାଇଥିଲେ।

ଅପରାହ୍ନରେ ୫-ଟି ସଚିବ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ମନ୍ଦିର ଟ୍ରଷ୍ଟିଙ୍କ ସହ ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ରେମୁଣା ଗାର୍ଲସ ହାଇସ୍କୁଲରେ ପହଞ୍ଚି ଛାତ୍ରୀଙ୍କ ପାଠପଢ଼ା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଶିକ୍ଷାର ଗୁଣାତ୍ମକ ମାନକୁ ନେଇ ଆଲୋଚନା କରିଥିଲେ। ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲରେ ଡାକ୍ତର ଓ ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।



ସିମୁଳିଆଠାରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।

## ଗାଡ଼ି ଓଲଟି ଜଣେ ମୃତ, ୧୫ ଆହତ

ରାଇରଙ୍ଗପୁର,(ମନୋରଞ୍ଜନ ତିରିଆ): ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ ବୁଧବାର ସକାଳେ ଏକ ଗାଡ଼ି ଓଲଟି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଆଦରମଣି ନାଏକ(୬୦)। ନୂଆଗାଁ ପଞ୍ଚାୟତର ବଣକାଟି ଗ୍ରାମରୁ ପ୍ରାୟ ୩୦ ଜଣ ଲୋକ ଏକ ଟାଟା ମେକ୍ସିମୋ ସୁପ୍ରିୟ ଗାଡ଼ିରେ ବାରିପଦା ଆଡ଼କୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ ତାହା ଓଲଟି ପଡ଼ିଥିଲା। ଆହତମାନଙ୍କୁ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ସେଠାରେ ଆଦରମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଔଷଧ ଦୋକାନ ତାଲା ଭାଙ୍ଗି ଚୋରି

ସିମୁଳିଆ, ୨୨।୬(ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦର ମହକୁମାର ମାର୍କୋଣା ଛକରେ ଥିବା ମା' ମେଡ଼ିସିନ ଷ୍ଟୋର ନାମକ ଏକ ଔଷଧ ଦୋକାନର କବାଟ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଏହି ଦୋକାନରୁ ଚୋରି କରି ନେଇଛି। ଦୋକାନରୁ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ନିକଟରେ ଲାଗିଥିବା ସିସିଟିଭି ଫୁଟେଜରେ ଜଣେ ଦୁର୍ବୃତ୍ତ ଯୁବକ ମୁହଁରେ କପଡା ବାନ୍ଧି ପାଚେରି ଡେଇଁ ଆସୁଥିବା ଦେଖିବାକୁ ମିଳିଛି। ତେବେ ଯୁବକ ଜଣଙ୍କ ଦୁଇଟି କ୍ୟାମେରା ଭାଙ୍ଗି ତଳେ ପକାଇ ଦେଇଥିଲେ ହେଁ ତାଙ୍କ ଫଟୋ କ୍ୟାମେରାରେ କଏଦ ହୋଇଯାଇଛି। ତେବେ ବଜାର ଓ ଛକରେ ହୋମଗାର୍ଡ ଡ୍ୟୁଟି କରୁଥିବା ବେଳେ ତାଲା ଭାଙ୍ଗି ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

### ୫-ଟି ସଚିବଙ୍କ ଭୋଗରାଇ, ଜଳେଶ୍ୱର, ବସ୍ତା ନିର୍ବାଚନମଣ୍ଡଳୀ ଗସ୍ତ ଆଜି

ଭୋଗରାଇ, ୨୨।୬(ପ୍ରଦୀପ ଦାସ): ୫-ଟି ସଚିବ ଭି. କେ. ପାଣ୍ଡିଆନ ଶୁକ୍ରବାର ଭୋଗରାଇ, ଜଳେଶ୍ୱର ଓ ବସ୍ତା ନିର୍ବାଚନମଣ୍ଡଳୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ମନ୍ତ୍ରୀ ଓ ନେତାଙ୍କ ତତ୍ପରତା ପ୍ରକାଶ ପାଇଛି। ୫-ଟି ସଚିବ ହେଲିକପ୍ଟର ଯୋଗେ ପ୍ରଥମେ ଭୋଗରାଇ ବ୍ଲକ ତାଳସାରୀ ହେଲିପ୍ୟାଡରେ ଅବତରଣ କରିବା ପରେ ସ୍ୱତନ୍ତ୍ର କାର୍ ଯୋଗେ ଯାଇ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କଠାରେ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ। ସେଠାରୁ ଶଙ୍ଖାରୀ ଗ୍ରାମରେ ଥଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମନ୍ମଥ -ମନୋଜ ଦାସଙ୍କ ନବନିର୍ମିତ ଐତିହ୍ୟ ପୀଠସ୍ଥଳୀର ଉନ୍ନତି ସମୀକ୍ଷା କରିବା ସହିତ ତାଳସାରୀ -ଉଦୟପୁର ତଟ ସୁରକ୍ଷା ପାଚେରି ପଥର ବନ୍ଧ ଓ ବେଳାଭୂମିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ କରିବେ। ଏହାପରେ ଅନ୍ୟ ସ୍ଥାନକୁ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

### ଏକାଧିକ ପ୍ରକଳ୍ପର ଶିଳାନ୍ୟାସ

ବେତନଟୀ,୨୨।୬(ଧରଣୀଧର ମହାନ୍ତି): ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର ବେତନଟୀ ବ୍ଲକ ଅଞ୍ଚଳରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩୫ନଂ. ଜୋନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାରାଣ୍ଡ, ସମ୍ମାନିତ ଅତିଥି ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା କମଳା ତିରିଆ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପଗୁଡ଼ିକର ଶୁଭ ଶିଳାନ୍ୟାସ କରିଥିଲେ। ସାମାଜିକ କର୍ମୀ ସର୍ବେଶ୍ୱର ମିଶ୍ର, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ଅଭିନ୍ନ ସୁନ୍ଦର ପାତ୍ର, ବୃନ୍ଦାବନ ଦାସ, ଅର୍ଜୁନଚନ୍ଦ୍ର ଦଳେଇ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଯାମିନି ନାଏକ, ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ବିଜେଡି ବ୍ଲକ ସଭାପତି ସନ୍ତକ ଲେଙ୍କା, ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସଠିଲୋ ସରପଞ୍ଚ ଦେବୀମଣି ସିଂ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ମାନସ କୁମାର ଜେନା, ମନିଷ ଗିରି, ଚୈତନ୍ୟ ଟୁଡୁ, ସଞ୍ଜୁ ଦ୍ୱିବେଦୀ , ସୁଧାକର ପଣ୍ଡା, ମଣ୍ଟୁ ମହାନ୍ତ, ଡମ୍ବରୁଧର ମହାନ୍ତଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଧାନ ବିକ୍ରି ଟଙ୍କା ପାଇନାହାନ୍ତି ଚାଷୀ

■ ୪ ହଜାର କୁଇଣ୍ଟାଲ ଧାନର ହିସାବ ମିଳୁନି
■ ଅନିୟମିତତା ନେଇ ଅଭିଯୋଗ


ଟଙ୍କା ପାଇ ନ ଥିବା ଚାଷୀମାନେ ଧାନ ବିକ୍ରିର ରସିଦ୍ ଦେଖାଉଛନ୍ତି।

ଭଦ୍ରକ ଅଫିସ,୨୨।୬(ସନାତନ ରାଉତ) ୨୦୨୨-୨୩ ଖରିଫ ବର୍ଷରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମାଧପୁର ସେବା ସମବାୟ ସମିତିରେ ପ୍ରାୟ ୪ ହଜାର କୁଇଣ୍ଟାଲ ଧାନର ହିସାବ ମିଳୁନାହିଁ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ଲକ୍ଷ ଟଙ୍କା। ମଣ୍ଡିରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଛି। ମାତ୍ର ଏହି ଧାନ ମିଲ୍‌ରେ ଜମା ହୋଇ ନ ଥିବା ଜଣାପଡ଼ିଛି। ଧାନ ବିକ୍ରି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବାର ନିୟମ ଥିବାବେଳେ ଏହି ଟଙ୍କା କିସ୍ତି ହିସାବରେ ହାତାହାତି ଦେବାକୁ ସମିତି ସମ୍ପାଦକ ଚୁକ୍ତି କରିଥିବା ଘଟଣାରୁ ଏଥିରେ ବଡ଼ଧରଣର ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଛି। ସମିତିର ନିଜସ୍ୱ ଗୋଦାମ ନ ଥିବାବେଳେ କ୍ରୟ ହୋଇଥିବା ଏତେ ପରିମାଣର ଧାନ ଏବେ କେଉଁଠାରେ ରହିଛି ବୋଲି ଚାଷୀ ଜଗନ୍ନାଥ ଦାଶ ପ୍ରଶ୍ନ ଉଠାଇଛନ୍ତି। ୪ ମାସ ବିତି ଯାଇଥିଲେ ମଧ୍ୟ ଚାଷୀ ମଣ୍ଡିରେ ଧାନ ଦେଇ ପ୍ରାପ୍ୟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି।

ବଡସିଂହପୁର ଗ୍ରାମର ଚାଷୀ ବସନ୍ତ ପ୍ରଧାନ କୁହନ୍ତି, ଗତ ଫେବୃୟାରୀରେ ୬୨.୫୧ କୁଇଣ୍ଟାଲ ଧାନ ଏହି ସମିତିର ମଣ୍ଡିରେ ଦେଇ ଟଙ୍କା ପାଇଁ ବାରମ୍ବାର ଯାଇ କୌଣସି ସନ୍ତୋଷଜନକ ଉତ୍ତର ପାଉନାହାନ୍ତି। ଧାନ ମିଲ୍‌କୁ ଦିଆ ନ ଯାଇ ବାହାରେ ବିକ୍ରି କରି ଟଙ୍କା ଆତ୍ମସାତ୍ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନିୟମିତତା ଅଭିଯୋଗ ନେଇ ୧୪ଜଣ ଚାଷୀ ମତୋ ଫାଣ୍ଡି ଓ ଚାନ୍ଦବାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଲିଖିତ ଅଭିଯୋଗକୁ ୧୫ଦିନ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ଓ ନ୍ୟାୟ ମିଳିନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ୧୫/୨୦ ହଜାର ଟଙ୍କା କିସ୍ତି ଅନୁସାରେ ସମିତି ସମ୍ପାଦକ ଦେବେ ବୋଲି କହିଥିବା ବେଳେ କିସ୍ତିରେ ଟଙ୍କା ନେବାକୁ କୌଣସି ଚାଷୀ ରାଜି ହୋଇନାହାନ୍ତି। ଏନେଇ ସେମାନେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, କୃଷିମନ୍ତ୍ରୀ, ପୋଲିସ ଡିଜି ଓ ଏସ୍‌ପି, ଚାନ୍ଦବାଲି ଏସ୍‌ଡିପିଓ ପ୍ରମୁଖଙ୍କୁ ଡାକ ମାଧ୍ୟମରେ ଅବଗତ କରିଛନ୍ତି। ଏପରିକି ଧାନ ବିକି ଟଙ୍କା ପାଇ ନ ଥିବା କେତେଜଣ ଚାଷୀ ନିକଟରେ ୫-ଟି ସଚିବଙ୍କ ଚାନ୍ଦବାଲି ଗସ୍ତ ବେଳେ ତାଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଚିଠି ନଂ-୨୪୫ ତା ୨୨।୦୪।୨୩ ରିଖ ଅନୁଯାୟୀ ଉକ୍ତ ସମିତିରେ ଧାନକ୍ରୟରେ ଅନିୟମିତତା ସମ୍ପର୍କରେ ଭଦ୍ରକ ଏଆର୍‌ସିଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିବା ଜଣାଯାଇଛି। ଚାଷୀ ବସନ୍ତଙ୍କ ଅଭିଯୋଗକ୍ରମେ ସେମାନଙ୍କ ଧାନବିକ୍ରୟର ପ୍ରାପ୍ୟ ଦେବାକୁ ସମିତି ସମ୍ପାଦକ ମତୋ ଫାଣ୍ଡିରେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କୁ ଟଙ୍କା ମିଳିନାହିଁ। ଆମେ ସରକାରଙ୍କୁ ଧାନ ବିକ୍ରି କରିଛୁ, ଏହାର ରସିଦ୍ ଆମ ପାଖରେ ଅଛି। ଏହାର ପ୍ରାପ୍ୟ ଆମ ବ୍ୟାଙ୍କ ଖାତାକୁ ଆସିବା ଆବଶ୍ୟକ ବୋଲି ଚାଷୀମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ ସାନସିଂହପୁର ଗ୍ରାମର ଜଗନ୍ନାଥ ଦାଶ ୪୬.୧୭ କୁଇଣ୍ଟାଲ, ଜାନକୀ ଦାଶ ୨୭.୫୫, ଭାବଗ୍ରାହୀ ଦାଶ ୭୧.୦୬, ଦୀପକ ଦାଶ ୪୨.୯୪, ଗଦାଧର ଦାଶ ୪୯.୨୧, ସୁଦର୍ଶନ ଦାଶ ୩୦.୬୯, ଏକାଦଶୀ ଦାଶ ୨୫.୪୬, ଗୋପବନ୍ଧୁ ଦାଶ ୨୪.୧୮, ମଧୁସୂଦନ ଦାଶ ୨୨.୮, ବାବୁଲି ଦାଶ ୨୩.୯୪, ବିଶ୍ୱନାଥ ଦାଶ ୨୬.୦୩, ବଡ଼ସିଂହପୁରର ବସନ୍ତ ପ୍ରଧାନ ୬୨.୫୧, ଜ୍ୟୋତିସିଂପୁରର ପ୍ରଫୁଲ୍ଲ ମହାକୁଡ଼ ୪୪.୧୬, ଭରତ ଚନ୍ଦ୍ର ଦାଶ ୪୦.୨୮ କୁଇଣ୍ଟାଲ ଧାନ ସମିତି ମଣ୍ଡିରେ ବିକି ଟଙ୍କା ପାଇନାହାନ୍ତି। ସମିତି ଏବେ ମାଧପୁର ପରିବର୍ତ୍ତେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୧୭ କିଲୋମିଟର ଦୂରରେ ଚାନ୍ଦବାଲି ଏନ୍‌ଏସିରେ ଚାଲୁଛି ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଏଆର୍‌ସିଏସ୍ ସଦାନନ୍ଦ ବେହେରା ଅନିୟମିତତା ହୋଇଥିବା ସ୍ୱୀକାର କରିଥିବା ବେଳେ ଉକ୍ତ ସମିତିର ସମ୍ପାଦକ ଟଙ୍କା ଫେରାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେ ଧୀରେ ଧୀରେ ଚାଷୀଙ୍କୁ ଟଙ୍କା ଦେଇଦେବେ ବୋଲି କହିଛନ୍ତି। ଏନେଇ ମାଧପୁର ସମିତି ସମ୍ପାଦକ ସରୋଜ ସଲିଳ ପଲାଇ କହିଛନ୍ତି, ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀମାନେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକାରୀ ୧୪ ଚାଷୀଙ୍କୁ ଖୁବ୍‌ଶୀଘ୍ର ହାତାହାତି ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ସେମାନେ ମଣ୍ଡିରେ ଧାନ ନ ଦେଇ ମିଲ୍‌ରେ ଦେଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି।

# ଅସନପାଟ ଛଉନୃତ୍ୟ ମନମୋହିଲା


ଛଉ ନୃତ୍ୟଶିଳ୍ପୀ ଓ ଆୟୋଜକ ସଦସ୍ୟ।

### ବଳଦେବଜୀଉଙ୍କ ରଥଯାତ୍ରା ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟା

କେନ୍ଦୁଝର,୨୨।୬(ଦୀପକ ମିଶ୍ର) କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଅବସରରେ ଅନୁଷ୍ଠିତ ସଂସ୍କୃତି କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଅସନପାଟ ଛଉ ନୃତ୍ୟ, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନମୋହିଛି। ଜିଲା ପ୍ରଶାସନ, ଦେବୋତ୍ତରବିଭାଗ ଆନୁକୂଲ୍ୟରେ ତଥା ସାଂସ୍କୃତିକ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡଦାଣ୍ଡର ୩ଟି ମଞ୍ଚରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେଉଛି। ବୁଧବାର ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ୍ ମଞ୍ଚରେ ଅସନପାଟ ଛଉ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଅନନ୍ତ ଗୋପାଳ କଲଚରାଲ କ୍ଲବ୍ ଓ ଭୁବନେଶ୍ୱର ନୂପୁରର କଳାକାରମାନେ ଓଡ଼ିଶୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଭଜନ ମଣ୍ଡପରେ ପୁରୁଷୋତ୍ତମ ଭଜନ ସଂସଦ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଇଲେଭେନ ବୁଲେଟ୍ କ୍ଲବ୍ ମଞ୍ଚରେ ଇନ୍ଦ୍ରଧନୁ ଏବଂ ସଂସ୍କୃତି ବିଭାଗ ପ୍ରାୟୋଜିତ ଦଳ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଙ୍ଗଳବାର ପ୍ରଥମ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ୍ ମଞ୍ଚରେ ବରୁଣେଶ୍ୱର ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଏବଂ ଶାଳପଡ଼ାସ୍ଥିତ ବୀଣାପାଣି କଳା ନିକେତନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କମିଟିର ସଦସ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ସାଂସ୍କୃତିକ କମିଟିର ସଦସ୍ୟ ମନୋଜ ମିଶ୍ର, ଦେବାଶିଷ ମିଶ୍ର, ସଂଗ୍ରାମ ଦାସ, ଦେବଦର୍ଶନ ଦାଶ, ନିର୍ମଳ ଚନ୍ଦ୍ର ନାୟକ, ସନ୍ତୋଷ ଦାସ, ହୃଦାନନ୍ଦ ମାହାନା, ପ୍ରଶାନ୍ତ ସାହୁ, ଜିତେନ୍ଦ୍ର ସାହୁ, ସନ୍ତୋଷ ଚାଟାର୍ଜୀ, ଶରତ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

# ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ସଭା

୨୫ କୃତି ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିଗଣ।

ରୂପସା, ୨୨।୬(ବାଞ୍ଛାନିଧି ଦେ) ବାଲେଶ୍ୱର ଜିଲା ରୂପସା ଓ ଆମ୍ବଗଡ଼ିଆ ପଞ୍ଚାୟତ ସୀମାନ୍ତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଚାର୍ଯ୍ୟ ବିଜୟ ଜୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପୂର୍ବତନ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ, ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ. ତପନ କୁମାର ବେହେରା, ସମ୍ମାନିତ ଅତିଥି ଯୁବ ସାମାଜିକ କର୍ମୀ ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ସୁବାଷ ଚନ୍ଦ୍ର ମହାପାତ୍ର, ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସୈନିକ ଭୀମଚରଣ ମାଝି ପ୍ରମୁଖ ଯୋଗଦେଇ ପ୍ରତିଭା ସର୍ବଦା ନିଆରା ପରିଚୟ ସୃଷ୍ଟି କରେ ବୋଲି ବକ୍ତବ୍ୟରେ କହିଥିଲେ।

ବିକାଶ ପରିଷଦ ସମ୍ପାଦକ କୁଳ ମହାନ୍ତ ଅତିଥି ପରିଚୟ ପ୍ରଦାନ, ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ବିକାଶ ପରିଷଦର ସଭ୍ୟ ସ୍ୱର୍ଗତ ଲକ୍ଷ୍ମୀଧର ଦେହୁରୀ ଏବଂ ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ସ୍ୱର୍ଗତ ମହେଶ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଙ୍ଗଠନ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ଚଳିତ ଦ୍ୱାଦଶ ପରୀକ୍ଷାରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭାଧାରୀ ସୁଶାନ୍ତ ପ୍ରଧାନଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, ନିରଞ୍ଜନ ବେହେରାଙ୍କୁ ପ୍ରଶାସନିକ ସେବା ଗୌରବ ସମ୍ମାନ ତଥା ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ. ତପନ କୁମାର ବେହେରାଙ୍କ କନ୍ୟା ଈପ୍‌ସିତା ବେହେରାଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶ୍ରୀମାନ ଦେବେନ୍ଦ୍ର ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ଶିକ୍ଷକ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲେରୋ ଚୋରି ଅଭିଯୋଗ

ବନ୍ତ,୨୨।୬(ହରିନାରାୟଣ ମହାନ୍ତି) ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବାଇପୁର ଗ୍ରାମର ହନୁମାନ ଛକଠାରୁ ବୁଧବାର ବିଳମ୍ବିତ ରାତିରେ ଏକ ବୋଲେରୋ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ବାଇପୁର ଗ୍ରାମର ସତ୍ୟବ୍ରତ ସେନାପତି ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଉକ୍ତ ବୋଲେରୋ (ଓଡ଼ି-୦୨ଡି-୦୮୪୧)କୁ ଭଡ଼ାରେ ବ୍ୟବହାର କରନ୍ତି। ସବୁଦିନ ରାତିରେ ସେ ବାଇପୁର ହନୁମାନ ଛକରେ ଗାଡ଼ିକୁ ରଖନ୍ତି। ବୁଧବାର ସନ୍ଧ୍ୟାରେ ଭଡ଼ାରୁ ଫେରିବା ପରେ ଡ୍ରାଇଭର ଗାଡ଼ିକୁ ହନୁମାନ ଛକରେ ରଖି ଘରକୁ ଯାଇଥିଲେ। ପ୍ରତିଦିନ ପରି ସେହି ରାତିରେ ଗ୍ରାମର ୭ରୁ ୮ ଲୋକଙ୍କ ଗାଡ଼ି ସେଠାରେ ରହିଥିଲା। ଗୁରୁବାର ସକାଳେ ସେ ଛକରେ ଗାଡ଼ି ନ ଥିବା ଖବର ପାଇ ସେଠାକୁ ଆସି ଖୋଜାଖୋଜି କରି ପାଇ ନ ଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି। ମଙ୍ଗଳବାର ବିଳମ୍ବିତ ରାତିରେ ଟିଲୋ ଗ୍ରାମରେ ଦୁଇ ବଡ଼ ଧରଣର ଚୋରି ହୋଇଥିଲା। ଏହାର ସୁରାକ୍ ମିଳି ନ ଥିବାବେଳେ ବୁଧବାର ରାତିରେ ପୁଣି ଗାଡ଼ି ଚୋରି ଘଟଣା ପୋଲିସର ମୁଣ୍ଡବ୍ୟଥାର କାରଣ ହୋଇଛି। ତେବେ ଏହି ଗାଡ଼ି ଚୋରି ଘଟଣାରେ ଏକ ର୍‍ୟାକେଟ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରୁଛି।

# ଅନାବୃଷ୍ଟି ସମସ୍ୟା ଦୂର ପାଇଁ ପୂଜାର୍ଚ୍ଚନା

ବାସୁଦେବପୁର,୨୨।୬ (ନାରାୟଣ ପ୍ରସାଦ ବାରିକ) ଭଦ୍ରକ ଜିଲା ବାସୁଦେବପୁର ପଡୁଁଆ ପଞ୍ଚାୟତର ସରପୋଖରୀଆଡ଼ିଠାରେ ଅନାବୃଷ୍ଟି ସମସ୍ୟା ଦୂର ପାଇଁ ପୂଜାର୍ଚ୍ଚନା କରାଯାଉଛି। ଋଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୬୮ତମ ଋଷ୍ୟଶୃଙ୍ଗ, ଶାନ୍ତାଙ୍କ ବିବାହ ସମାରୋହ ପାଳନ କରାଯାଇଥିଲା। ପ୍ରଥମ ରଜଦିନ କଳସ ଶୋଭାଯାତ୍ରା କରାଯାଇଥିଲା। ସରପୋଖରୀ ଆଡ଼ି ପୂଜାମଣ୍ଡପରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ବିଜୟ ପଣ୍ଡା, କର୍ତ୍ତ୍ରୀ ଭାବେ ସୁଚିସ୍ମିତା ପଣ୍ଡା ଓ ଶାନ୍ତାଙ୍କ ଭାଇ ଭାବେ ପ୍ରିୟବ୍ରତ ଦାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ବିଭାଣ୍ଡକ ଋଷି, ଦଶରଥ, ଶାନ୍ତା, ଋଷ୍ୟଶୃଙ୍ଗ, ଜହତା ଗଣିକା, ଶିବଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ବିଗ୍ରହ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ନିତ୍ୟାନନ୍ଦ ଦାସ, ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ପାଦକ ଚନ୍ଦ୍ରକାନ୍ତ ପରିଡ଼ାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପୂଜା ମଣ୍ଡପରେ ପୂଜକ ଶାନ୍ତନୁ ପଣ୍ଡା, ଅମରେନ୍ଦ୍ର ଦୀକ୍ଷିତ, ରବିନାରାୟଣ ଦାସ ପ୍ରମୁଖ ଯଜ୍ଞ ଓ ବିବାହ କାର୍ଯ୍ୟ ସମ୍ପାଦନା କରିଥିଲେ।

ପୂର୍ବ ପ୍ରଥା ଓ ପରମ୍ପରା ଅନୁସାରେ ତ୍ରେତୟା ଯୁଗରେ ଅନାବୃଷ୍ଟି ସମସ୍ୟା ଦୂର କରିବା ପାଇଁ ବିଭାଣ୍ଡକ ଋଷିଙ୍କ ପୁଅ ଋଷ୍ୟଶୃଙ୍ଗଙ୍କୁ ଜହତା ଗଣିକା ମାଧ୍ୟମରେ ଧ୍ୟାନଭଗ୍ନ କରି ମର୍ତ୍ତ୍ୟପୁରକୁ ଅଣାଯାଇଥିଲା। ପରବର୍ତ୍ତୀ ସମୟରେ ଅନାବୃଷ୍ଟି ସମସ୍ୟାକୁ ଦୂର କରାଯାଇ ପାରିଥିଲା। ଏହି ପୌରାଣିକ ଉପାଖ୍ୟାନକୁ ଆଧାର କରି ଋଷ୍ୟଶୃଙ୍ଗ ଦଶରଥଙ୍କ କନ୍ୟା ଶାନ୍ତାଙ୍କୁ ବିବାହ କରିଥିଲେ। ଏହି ପରମ୍ପରାକୁ ଆଜି ପର୍ଯ୍ୟନ୍ତ ଉକ୍ତ ସାଂସ୍କୃତିକ ଅନୁଷ୍ଠାନ ବଞ୍ଚାଇ ରଖିପାରିଛି। ଗତ ଗୁରୁବାରଠାରୁ ୧୦ଦିନ ବ୍ୟାପୀ ମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି।

# ରାଜ୍ୟରେ ବାବୁତନ୍ତ୍ର ଚାଲିଛି:ଭାଜପା

ଜଳେଶ୍ୱର, ୨୨।୬ (ରବିନାରାୟଣ ପାତ୍ର) ଆସନ୍ତା ୨୩ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜଳେଶ୍ୱର ଗସ୍ତ କାର୍ଯ୍ୟକ୍ରମ ରହିଛି। ମାତ୍ର ଏହି ଗସ୍ତକୁ ନେଇ ଜଳେଶ୍ୱର ଭାଜପା ପକ୍ଷରୁ ମଧୁବନ ପରିସରରେ ଏକ ଖବରଦାତା ସମ୍ମିଳନୀ କରାଯାଇ କେତେକ ପ୍ରଶ୍ନ କରାଯାଇଛି। ରାଇବଣିଆକୁ ସ୍ୱତନ୍ତ୍ର ବ୍ଲକ ଓ ଜଳେଶ୍ୱରକୁ ସବ୍‌ଡିଭିଜନ ଘୋଷଣା କରିବା, ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ ପାଇଁ ଓ ଜଳେଶ୍ୱର ସହରକୁ ସୁରକ୍ଷା ପାଇଁ ରିଂରୋଡ ରାଜଘାଟଠାରୁ ଗୋବରଘଟା ପର୍ଯ୍ୟନ୍ତ ନିର୍ମାଣ ନ ହେବା, ତ୍ରୁଟିପୂର୍ଣ୍ଣ ରେଲୱେ ଓଭରବ୍ରିଜ୍, ପଶ୍ଚିମବଙ୍ଗରୁ ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନ ନ ହେବା, ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବ୍ୟାପକ ବାଲି ଉତ୍ତୋଳନ ହେବା, ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତା ନିମ୍ନମାନର ହେବା, ୫-ଟି ଅଧୀନରେ ନବୀକରଣ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ନିମ୍ନମାନର ବୋଲି କହିଛନ୍ତି। ଏଥିପାଇଁ ୫-ଟି ସଚିବଙ୍କୁ ଦାୟୀ କରି ସେ ଗଣତନ୍ତ୍ର ରାଷ୍ଟ୍ରରେ ବାବୁତନ୍ତ୍ର ଚାଲିଥିବା ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯୁବନେତା ଦିବ୍ୟକାମ ମହାନ୍ତି, ୮ନଂ. ମଣ୍ଡଳ ସଭାପତି ପ୍ରଣବ କୁମାର ପଣ୍ଡା, ସମ୍ପାଦକ ସଞ୍ଜୀବ କୁମାର ରାଉତ, ଜଳେଶ୍ୱର ନଗର ଉପସଭାପତି ସିଦ୍ଧେଶ୍ୱର ପଣ୍ଡା, ୧୦ନଂ. ମଣ୍ଡଳ ସଭାପତି ପ୍ରତାପଚନ୍ଦ୍ର ସେନାପତି, ୭ନଂ. ମଣ୍ଡଳ ସଭାପତି ମନୋଜ ସାସମଲ ଓ ୧୬ନଂ. ମଣ୍ଡଳ ସମ୍ପାଦକ ଜ୍ୟୋତର୍ମୟ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳହରି ଖଣିରେ ସ୍ୱାଭାବିକ ହେଲା ପରିବହନ

ଯୋଡ଼ା,୨୨।୬(ମାନସ ମହାନ୍ତି) କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ଜଳହରି ଖଣିରେ ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ଖଣିରେ ପରିବହନ କାର୍ଯ୍ୟ ଦେବାକୁ ଦାବି କରି ଗତ ସୋମବାରଠାରୁ କାର୍ଯ୍ୟ ବନ୍ଦ କରିଦେଇଥିଲେ। ପୋଲିସ ହସ୍ତକ୍ଷେପ ପରେ ଗୁରୁବାର ଖଣିରୁ ଖଣିଜ ପରିବହନ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ଖଣିର ଖଣିଜ ପରିବହନ ଅନୁମତି ମିଳିବା ପରେ ଗତ ସୋମବାର ଖଣିରୁ ଜୁରୁଡ଼ି ରେଳ ସାଇଡିଂକୁ କିଛି ପରିମାଣର ଖଣିଜ ପରିବହନ ହୋଇଥିଲା। ସେ ସମୟରେ ସ୍ଥାନୀୟ ଲୋକେ ପହଞ୍ଚି ଖଣିଜ ପରିବହନ କାର୍ଯ୍ୟ ବନ୍ଦ କରି ଦେଇଥିଲେ। ଖଣିରୁ ଖଣିଜ ବୋଝେଇ ହୋଇଥିବା କିଛି ଟ୍ରକ୍‌କୁ ମଧ୍ୟ ପରିବହନ କରିବା ପାଇଁ ଦେଇ ନ ଥିଲେ। ସ୍ଥାନୀୟ ଟ୍ରକ୍ ଓ ଲୋକଙ୍କୁ ପରିବହନ କାର୍ଯ୍ୟରେ ନିୟୋଜିତ କରିବାକୁ ଦାବି କରିଥିଲେ। ବୁଧବାର ପୋଲିସ ଉପସ୍ଥିତ ରହି ଖଣିରୁ ପରିବହନ କାର୍ଯ୍ୟ କରାଇଥିଲା। ତେବେ ଗୁରୁବାର ପୁଣି ସ୍ଥାନୀୟ ଲୋକେ ପରିବହନ କାର୍ଯ୍ୟକୁ ବନ୍ଦ କରିବାରୁ ପୋଲିସ ଫୋର୍ସ ଉପସ୍ଥିତ ରହି ପରିବହନ କରାଇଥିବା ଜଣାପଡ଼ିଛି। ଜୁରୁଡ଼ି ଷ୍ଟେସନ ମ୍ୟାନେଜର ଶଶିକାନ୍ତ ଜଜ୍ କହିଛନ୍ତି, ରେଳ ରେକ୍‌ରେ ଗୁରୁବାର ଖଣିଜ ବୋଝେଇ ହେବାର ସମୟ ଧାର୍ଯ୍ୟ ଥିବାରୁ ପରିବହନ ଆରମ୍ଭ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

# ଆର୍.ଏନ୍. ଜୀଉ ହାଇସ୍କୁଲକୁ ରାସ୍ତା ନାହିଁ




ରାଇରଙ୍ଗପୁର,୨୨।୬(ମନୋରଞ୍ଜନ ତିରିଆ) ରାଇରଙ୍ଗପୁର ପୌରପାଳିକା ଅଞ୍ଚଳରେ ୪ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେଥି ମଧ୍ୟରୁ ଅଁଳାଡୁବାସ୍ଥିତ ରଘୁନାଥ ଜୀଉ ହାଇସ୍କୁଲ ଅନ୍ୟତମ। ୧୯୭୩ରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏହା ଏକ ପୁରାତନ ହାଇସ୍କୁଲ ହୋଇଥିଲେ ମଧ୍ୟ ଉକ୍ତ ହାଇସ୍କୁଲକୁ ଯିବା ପାଇଁ ସ୍ଥାୟୀ ସଂଯୋଗୀକରଣ ରାସ୍ତା ନାହିଁ। ଫଳରେ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ଜଣେ ବ୍ୟକ୍ତିଙ୍କ ଜାଗାରେ ଯିବା ଆସିବା କରୁଛନ୍ତି। ଉକ୍ତ ବିଦ୍ୟାଳୟକୁ ଯେପରି ସଂଯୋଗୀକରଣ ରାସ୍ତା ହୋଇ ପାରିବ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ଏବଂ ରୂପାନ୍ତରୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି। ଏହା ସତ୍ତ୍ୱେ ବିଦ୍ୟାଳୟକୁ ଯେପରି ସଂଯୋଗୀକରଣ ରାସ୍ତା ହୋଇ ପାରିବ, ସେଥିପ୍ରତି ସରକାର କିମ୍ବା ପ୍ରଶାସନ ତରଫରୁ ଆଦୌ ଚେଷ୍ଟା କରାଯାଉ ନାହିଁ। ବିଦ୍ୟାଳୟକୁ ଲାଗି ରେଲୱେର ଜାଗା ରହିଛି। ପ୍ରଶାସନ ଚାହିଁଲେ ବିଦ୍ୟାଳୟକୁ ସଂଯୋଗୀକରଣ ରାସ୍ତା ନିମନ୍ତେ ସମାଧାନର ଉପାୟ ବାହାରି ପାରନ୍ତା। ଏବେ ବିଦ୍ୟାଳୟର ଫାଟକ ସମ୍ମୁଖ ଭାଗଟି ଫାଙ୍କା ରହିଛି, ସେହି ବାଟଦେଇ ବିଦ୍ୟାଳୟକୁ ଯିବା ଆସିବା ଚାଲିଛି। ଯଦି ଜମି ମାଲିକ ସେଠାରେ କିଛି ନିର୍ମାଣ କାର୍ଯ୍ୟ କରନ୍ତି, ତାହେଲେ ବିଦ୍ୟାଳୟକୁ ଯିବାଆସିବାରେ ବହୁତ ଅସୁବିଧା ହେବ। ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ଅନୀଲ କୁମାର ସେଠୀଙ୍କୁ ପଚାରିବାରୁ ବିଦ୍ୟାଳୟକୁ ସଂଯୋଗୀକରଣ ରାସ୍ତା ନିମନ୍ତେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସେ କହିଛନ୍ତି।

# ଜନବସତିମୁହାଁ ବନ୍ୟପ୍ରାଣୀ | ଆକ୍ରମଣରେ ଗଲାଣି ୩୧ ଲୋକଙ୍କ ଜୀବନ

■ ବନ ବିଭାଗ ଯୋଗାଉଛି କଣ୍ଟେନର
■ ହାତୀ ଉପଦ୍ରବରେ ୯ ହଜାରରୁ ଊର୍ଦ୍ଧ୍ୱ ଏକର ଫସଲ ନଷ୍ଟ


କ୍ଷେତରେ ହାତୀପଲ।

କେନ୍ଦୁଝର,୨୨।୬(ଦୀପକ ମିଶ୍ର) କେନ୍ଦୁଝର ଜିଲାରେ ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ଯୋଗୁ ବନ୍ୟପ୍ରାଣୀ ଜନବସତି ମୁହାଁ ହେଉଛନ୍ତି। ଅଧିକାଂଶ ସମୟରେ ଲୋକଙ୍କ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ବନ୍ୟପ୍ରାଣୀଙ୍କ ଆକ୍ରମଣରେ ଅନେକ ଜୀବନ ଯାଉଥିବା ବେଳେ ଧନ ସମ୍ପତ୍ତି କ୍ଷତି ହେଉଛି। ବନ୍ୟପ୍ରାଣୀଙ୍କ ଆକ୍ରମଣରେ ଗତ ୩ ବର୍ଷ ମଧ୍ୟରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହାତୀ ଉପଦ୍ରବରେ ପ୍ରାୟ ୯ହଜାରରୁ ଊର୍ଦ୍ଧ୍ୱ ଏକର ଜମିର ଫସଲ ନଷ୍ଟ ହୋଇଛି।

ବନ ବିଭାଗ ସୂଚନା ଅନୁଯାୟୀ, ୨୦୨୦-୨୧ରେ ଜିଲାରେ ବନ୍ୟପ୍ରାଣୀଙ୍କ ଆକ୍ରମଣରେ ୬ ଜଣଙ୍କ ଜୀବନ ଯାଇଛି। ୨୦୨୧-୨୨ରେ ୧୩, ୨୦୨୨-୨୩ରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହ ତିନିବର୍ଷରେ ୧୪୪ ଗୁରୁତର ହୋଇଛନ୍ତି। ୨୦୨୦-୨୧ ବର୍ଷରେ ହାତୀ ଉପଦ୍ରବରେ ମୋଟ ୭୯୮ ଏକର ଜମିର ଫସଲ ନଷ୍ଟ ହୋଇଥିବା ବେଳେ ୨୦୨୧-୨୨ ବର୍ଷରେ ୮୦୪୮, ୨୦୨୨-୨୩ରେ ୮୪୭ ଏକର ଜମିରେ ଫସଲ ନଷ୍ଟ ହୋଇଛି। ଲୋକଙ୍କ ଶସ୍ୟ ହାତୀ ଦାଉରୁ ରକ୍ଷା କରିବା ପାଇଁ ବନବିଭାଗ ପକ୍ଷରୁ ହାତୀ ପ୍ରବଣ ଅଞ୍ଚଳର ବିଭିନ୍ନ ଗ୍ରାମରେ କଣ୍ଟେନର ବ୍ୟବସ୍ଥା କରାଯାଇଛି। ଦୁଇବର୍ଷ ମଧ୍ୟରେ ପ୍ରାୟ ୪୫୦ଟି କଣ୍ଟେନର ଯୋଗାଇ ଦିଆଯାଇ ଶସ୍ୟର ସୁରକ୍ଷା ପାଇଁ ତା'ର ଚାରିପାଖରେ ଟ୍ରେଞ୍ଚ୍ ଖୋଳାଯାଇଛି। ଗାଁଗୁଡ଼ିକରେ ଏହି କଣ୍ଟେନରରେ ଲୋକମାନେ ଧାନ, ଚାଉଳ, ମୁଗ, ବିରି, କୋଳଥ, ଗହମ ସୁରକ୍ଷିତ ରଖିପାରିବେ ବୋଲି ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ପ୍ରକାଶ କରିଛନ୍ତି।

